## କଠିନ ଶବ୍ଦର ଅର୍ଥ :

| | | | |
|---|---|---|---|
| ବସୁଧା | - ପୃଥିବୀ | ରତ୍ନଗର୍ଭା | - ଗର୍ଭରେ ରତ୍ନଥିବ |
| ମିତ୍ର | - ବନ୍ଧୁ | ବାସଚ୍ୟୁତ | - ଘରହୀନ |
| ଶ୍ରୀହୀନ | - କୁତ୍ସିତ | ନିଶ୍ଚିହ୍ନ | - ଚିହ୍ନଲିଭିଯିବା |
| ଭୂଖଣ୍ଡ | - ମାଟି | ଶ୍ୟାଶ୍ରୀମଣ୍ଡିତ | - ସବୁଜ ଶିରୀରେ ସଜାଇବା |
| ଅରଣ୍ୟାଚ୍ଛାଦିତ | - ବଣଜଙ୍ଗଲପୂର୍ଣ୍ଣ | ଦାସ | - ଚାକର |
| ଉକ୍ତି | - କଥା | ବୃକ୍ଷଲତା | - ଗଛଲତା |
| ଅବିବେକ | - ବିବେକନଥିବା | ବିସ୍ତୀର୍ଣ୍ଣ | - ବିରାଟ |
| ଅତ୍ୟାଧୁନିକ | - ଏବର | ଶସ୍ୟାଗାର | - ଶସ୍ୟଭଣ୍ଡାର |
| ସର୍ବନାଶ | - ନଷ୍ଟଭ୍ରଷ୍ଟ | ଜିଣିବା | - ଜିତିବା |
| ଭରଣା | - ପୂରଣ କରିବା | | |

ସର୍ବସ୍ୱ - ସବୁକିଛି
ଝଲସିବ - ଚମକିବ
ଅପରିଣାମଦର୍ଶିତା - ଆଗପଛ ବିଚାରନକରି କାର୍ଯ୍ୟ କରିବା
ବିଷମ - ଭୟଙ୍କର
ଧରଣୀ - ପୃଥିବୀ
ଧରାପୃଷ୍ଠରୁ - ପୃଥିବୀପୃଷ୍ଠରୁ
ପ୍ରମାଦ - ବିପଦ
ବିନା - ବ୍ୟତୀତ
ବିଷକ୍ରିୟା - ବିଷପ୍ରଭାବ
ତେଜସ୍କ୍ରିୟ - ଖୁବ୍‌ଉଜ୍ଜ୍ୱଳ
ମାରାତ୍ମକ - ଜଟିଳ
ଚିନ୍ତାଶୀଳ - ଯିଏ ଚିନ୍ତା କରନ୍ତି
କ୍ଷେତ୍ର - ସ୍ଥାନ
ସ୍ୱାର୍ଥାନ୍ଧ - ସ୍ୱାର୍ଥରେ ଅନ୍ଧ
ହାହାକାର - ଆର୍ତ୍ତଚିତ୍କାର
ରଶ୍ମି - କିରଣ
ଚର୍ମକର୍କଟ - ଚର୍ମକ୍ୟାନସର
ନିରକ୍ଷବୃତ୍ତ - ବିଷୁବରେଖା
ଉଦ୍‌ବେଗ - ବ୍ୟସ୍ତତା
ଉପହାସ - ଥଟ୍ଟା
ଚେତନାଆସୁ - ବିବେକଜାଗୁ

## ପ୍ରଶ୍ନୋତ୍ତର

- **ଅତିକ୍ଷୁଦ୍ର ଉତ୍ତର ମୂଳକ :**

୧। ଗଛ ଫଳିଲେ କେଉଁମାନେ ଖାଇବେ ବୋଲି ବୁଢ଼ାଟି ରାଜାଙ୍କୁ କହିଲା ?

"ଗଛ ଫଳିଲେ ମୋ ପୁଅ ନାତି ଖାଇବେ" ବୋଲି ବୁଢ଼ାଟି ରାଜାଙ୍କୁ କହିଥିଲା ।

୨। "ପରିବେଶ ସୁରକ୍ଷା" ପ୍ରବନ୍ଧଟି ଲେଖକଙ୍କର କେଉଁ ପୁସ୍ତକରୁ ସଂଗୃହୀତ ?

"ପରିବେଶ ସୁରକ୍ଷା" ପ୍ରବନ୍ଧଟି ଲେଖକଙ୍କର "ଭାବି ଦେଖନ୍ତୁ" ପୁସ୍ତକରୁ ସଂଗୃହୀତ ।

୩। ଲୁହାର ଚକ ଉପରେ କ'ଣ ଆଗେଇଲା ?

ଲୁହାର ଚକ ଉପରେ ଚଢ଼ି ସଭ୍ୟତା ଆଗେଇଲା ।

୪। କାହା ଉପରେ କୋଠାବାଡ଼ି ତୋଳିବାକୁ ବଳୀୟାନ ମଣିଷ କହିଲା ?

ବିଜ୍ଞାନ ବଳରେ ବଳୀୟାନ ହୋଇ ମଣିଷ କହିଲା, "ଅପେକ୍ଷାକର ନାହିଁ । ପ୍ରକୃତିର ଧନ ଭଣ୍ଡାର ଲୁଟିଆଣ । ଜଙ୍ଗଲ କାଟି ଶିଳ୍ପନଗରୀ

ମାନଗଢ଼ । ଅରଣ୍ୟର ସମାଧି ଉପରେ କୋଠାବାଡ଼ି କରି କୋଟିପତି ହୁଅ ।"

୫। ଅର୍ଥର ମୋହ ଏବଂ ଭୋଗର ମାୟା ଛାଡ଼ି ନପାରି ମନୁଷ୍ୟ କ'ଣ ଲୁଟ କରିବାରେ ଲାଗିଗଲା ?

ଅର୍ଥର ମୋହ ଏବଂ ଭୋଗର ମାୟା ଛାଡ଼ି ନ ପାରି ମନୁଷ୍ୟ ପ୍ରକୃତିର ଭଣ୍ଡାର ଲୁଟି କରିବାରେ ଲାଗିଗଲା ।

୬। ସାହାର ମରୁଭୂମି କେଉଁଠାରେ ଅବସ୍ଥିତ ?

ସାହାରା ମରୁଭୂମି ଆଫ୍ରିକା ମହାଦେଶରେ ଅବସ୍ଥିତ ।

୭। ପ୍ଲିନି ସାହାରାକୁ କେଉଁ ନାମରେ ନାମିତ କରିଥିଲେ ?

ରୋମାନ ଐତିହାସିକ ପ୍ଲିନି ସାହାରାକୁ "ପୃଥିବୀର ଶସ୍ୟାଗାର" ଆଖ୍ୟା ଦେଇଥିଲେ ।

୮। କେଉଁ ମସିହାରେ ଆମେଜନ ଅରଣ୍ୟରୁ ଏକଲକ୍ଷ ବର୍ଗ କିଲୋମିଟର ଜଙ୍ଗଲ କଟାଯାଇଥିଲା ?

୧୯୭୬ ମସିହା ଭିତରେ ଆମେଜନ ଅରଣ୍ୟରୁ ଏକଲକ୍ଷ ବର୍ଗ କିଲୋମିଟର ଜଙ୍ଗଲ କଟାଯାଇଥିଲା ।

୯। ଅବିବେକ ଲୋକ ସର୍ବସ୍ୱ ବିକି କ'ଣ ତିଆରି କଲା ?

ଜଣେ ଅବିବେକ ଲୋକ ସର୍ବସ୍ୱ ବିକି ଏକ ଅତ୍ୟାଧୁନିକ ପାଇଖାନା ତିଆରି କଲା ।

୧୦। କାହାର ଅଭାବରୁ ପୃଥିବୀର ଜଳବାୟୁରେ ପରିବର୍ତ୍ତନ ଦେଖାଦେଇଛି ?

ବୃକ୍ଷ ଅଭାବରୁ ପୃଥିବୀର ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇଛି ।

୧୧। ରତ୍ନଗର୍ଭା ଧରଣୀକୁ ନରକରେ ପରିଣତ କରିବାପାଇଁ ଦାୟୀକିଏ ?

ରତ୍ନଗର୍ଭା ଧରଣୀକୁ ନରକରେ ପରିଣତ କରିବା ପାଇଁ କଳକାରଖାନାର ଧୂଆଁ ଓ ଦୂଷିତଜଳ ଦାୟୀ ।

୧୨। ଅରଣ୍ୟର ପ୍ରାଣୀମାନେ କ'ଣ ନପାଇ ବିପନ୍ନ ହୋଇଛନ୍ତି ?

ଅରଣ୍ୟର ପ୍ରାଣୀମାନେ ଖାଦ୍ୟ ଓ ବାସସ୍ଥାନ ନ ପାଇ ବିପନ୍ନ ହେଲେଣି । କେତେକ ପ୍ରଜାତି ନିଶ୍ଚିହ୍ନ ହେବାକୁ ବସିଲେଣି ।

୧୩। ଜଳୁଥିବା ଜାଳେଣୀ ଦ୍ୱାରା ବାୟୁମଣ୍ଡଳରେ କେଉଁ ଗ୍ୟାସର ପରିମାଣ ବଢ଼ିଚାଲିଛି ?

ଜଳୁଥିବା ଜାଳେଣୀ ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସର ପରିମାଣ ବଢ଼ିଚାଲିଛି ।

୧୪। ମିଥେନ ଗ୍ୟାସ ବୃଦ୍ଧି ପାଉଥିବା ହେତୁ ପୃଥିବୀର କ'ଣ ବଢ଼ିଯିବ ?

ମିଥେନ ଗ୍ୟାସ ଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧି ପାଇବ ।

୧୫। କେଉଁଠାରେ ମରୁଭୂମି ବଢ଼ିବାର ଆଶଙ୍କା ରହିଛି ?

ଗଛକଟା ହେଲେ, ପରିବେଶ ଦୂଷିତ ହେଲେ ନିରକ୍ଷବୃତ୍ତର ଉଭୟ ପାଖରେ ମରୁଭୂମି ବଢ଼ିଯିବାର ଆଶଙ୍କା ରହିଛି ।

୧୬। ଜଗଦୀଶ ଚନ୍ଦ୍ର କିଏ ଥିଲେ ?

ଜଗଦୀଶ ଚନ୍ଦ୍ର ଭାରତର ଜଣେ ବୈଜ୍ଞାନିକ ଥିଲେ ।

୧୭। ପୂର୍ବର ମନୁଷ୍ୟ ନିଜର ପୁଅ ନାତିଙ୍କ ପାଇଁ ଗଛ ଲଗାଉଥିଲା, ମାତ୍ର ଆଜି ସେହି ମନୁଷ୍ୟ ପୁଅନାତିଙ୍କ ପାଇଁ କି କ୍ଷେତ୍ର ପ୍ରସ୍ତୁତ କରୁଛି ?

ଯେଉଁ ମଣିଷ ଯୁଗ ଯୁଗ ଧରି ପୁଅ ନାତିଙ୍କ ପାଇଁ ଗଛ ଲଗାଇ ଆସୁଥିଲା ସେଇ ମଣିଷ ଆଜି ସେମାନଙ୍କ ଧ୍ୱଂସ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି ।

୧୮। ଗଛ ପୋତୁଥିବା ବୁଢ଼ାଟି ରାଜାଙ୍କୁ କି ଉତ୍ତର ଦେଲା ?

ଗଛ ପୋତୁଥିବା ବୁଢ଼ାଟି ରାଜାଙ୍କୁ କହିଲା, "ମଣିମା ମୁଁ ଏ ଗଛର ଫଳ ଖାଇବି ବୋଲି ପୋତୁ ନାହିଁ । ମୋ ବାପା ଅଜା ଯେଉଁ ଗଛ ପୋତିଥିଲେ ମୁଁ ଆଜି ତା'ର ଫଳ ଖାଉଛି । ସେଇପରି ମୁଁ ପୋତୁଥିବା ଗଛ ଫଳିଲେ ମୋ ପୁଅ ନାତି ଖାଇବେ ।

୧୯। ଗଛ ଲଗାଇବା ଦ୍ୱାରା ମନୁଷ୍ୟ କି ଉପକାର ପାଉଥିଲା ?

ଗଛ ଲଗାଇ ମଣିଷ ପ୍ରକୃତିକୁ ସବୁଜଶ୍ରୀ ଯୋଗାଉଥିଲା । ଫଳମୂଳ ଖାଉଥିଲା । ବାସଗୃହ, ପାନୀୟ, ଜାଳେଣୀ, ଆସବାବ ପାଉଥିଲା । ଗଛରୁ ଅମ୍ଳଜାନ, ଔଷଧୀୟ ସାମଗ୍ରୀ ପାଉଥିଲା ।

୨୦। ପୂର୍ବେ ମନୁଷ୍ୟ ପ୍ରକୃତିକୁ କିପରି ଦେଖୁଥିଲା ?

ପୂର୍ବେ ମନୁଷ୍ୟ ପ୍ରକୃତିକୁ ଦାସ ଭାବରେ ନୁହେଁ ମିତ୍ର ଭାବରେ ଦେଖୁଥିଲା । ଯେତିକି ଗଛ କାଟୁଥିଲା ତା'ଠାରୁ ଅଧିକ ଲଗାଉଥିଲା ।

୨୧। ସଭ୍ୟତା କିପରି ଆଗେଇଲା ?

ଯନ୍ତ୍ରଯୁଗ ଆସିବାକୁ ଲୁହାର ଚକ ଉପରେ ଚଢ଼ି ସଭ୍ୟତା ଆଗେଇଲା । ବିଜ୍ଞାନ ବଳରେ ବଳୀୟାନ ହୋଇ ପ୍ରକୃତିକୁ ଲୁଟିଲା । ଶିଳ୍ପ କାରଖାନା ବସାଇଲା । ଅର୍ଥର ମୋହ ଏବଂ ଭୋଗର ମାୟାରେ ଛନ୍ଦି ହୋଇ ଆଗକୁ ବଢ଼ିଚାଲିଲା ।

୨୨। ବିଜ୍ଞାନ ବଳରେ ବଳୀୟାନ ମନୁଷ୍ୟ କ'ଣ କହିଲା ?

ବିଜ୍ଞାନ ବଳରେ ବଳୀୟାନ ମନୁଷ୍ୟ କହିଲା, "ଅପେକ୍ଷା କରନାହିଁ । ପ୍ରକୃତିର ଧନଭଣ୍ଡାର ଲୁଟିଆଣ । ଜଙ୍ଗଲ କାଟ । ଶିଳ୍ପ କାରଖାନା ଗଢ଼ । ଅରଣ୍ୟର ସମାଧି ଉପରେ କୋଠାବାଡ଼ି ଗଢ଼ । ଆନନ୍ଦରେ ମାତ । ମଉଜ ମସ୍ତିରେ ଜୀବନକୁ ଉପଭୋଗ କର ।

୨୩। ଯୁଗ ଯୁଗର ଜୀବନଧାରା ବଦଳିଗଲା କାହିଁକି ?

ସ୍ୱାର୍ଥାନ୍ଧ ମଣିଷ ଭୋଗ ବିଳାସରେ ମାତି ପ୍ରକୃତିକୁ ଧ୍ୱଂସ କରିବାରେ ଲାଗିଲା । ଦୁଇଶହ ବର୍ଷ ମଧ୍ୟରେ ଯୁଗ ଯୁଗର ଜୀବନଧାରାକୁ ବଦଳାଇ ସେ ବିଳାସବ୍ୟସନର ଶିଖରରେ ଚଢ଼ିଲା ।

୨୪। ଐତିହାସିକ ହେରୋଡଟାସ ସାହାରା ମରୁଭୂମି ସଂପର୍କରେ କ'ଣ ଲେଖିଛନ୍ତି ?

ଗ୍ରୀକ୍ ଐତିହାସିକ ହେରୋଡଟାସ ଲେଖିଛନ୍ତି ଯେ ଉତ୍ତର ଆଫ୍ରିକାର ବିସ୍ତୀର୍ଣ୍ଣ ଅରଣ୍ୟଭରା ଅଞ୍ଚଳରେ ଅସଂଖ୍ୟ ବର୍ଣ୍ଣୁଆ ଜୀବଜନ୍ତୁ ବାସ କରୁଥିଲେ ।

୨୫। ଜଙ୍ଗଲ କଟାଯିବାର କାରଣ କ'ଣ ?

ସଭ୍ୟତାର ବିକାଶ ସହିତ ବିଳାସବ୍ୟସନରେ ମାତିବା ପାଇଁ ଦରକାର ହେଉଥିବା ନାନା ଉପାଦାନ ସକାଶେ ଜଙ୍ଗଲ କଟାହେଲା । ଜନବସତି ସ୍ଥାପନ, ଶିଳ୍ପାୟନ, ଗମନାଗମନ, ଜାଳେଣୀ, ଆସବାବ ପାଇଁ ଜଙ୍ଗଲକଟା ଚାଲିଛି ।

୨୬। ପ୍ରକୃତି ସଂପର୍କରେ ମନୀଷୀଙ୍କର ଯଥାର୍ଥ ଉକ୍ତିଟି କ'ଣ ?

ପ୍ରକୃତି ସଂପର୍କରେ ଜଣେ ମନୀଷୀ ଯଥାର୍ଥରେ କହିଛନ୍ତି ଯେ, ପ୍ରକୃତିକୁ ଜିଣିବାର ବାଟ ହେଉଛି, ତା' କଥା ମାନିବା । ମନୁଷ୍ୟ ଯେ ପର୍ଯ୍ୟନ୍ତ ତାହା ନ ଶିଖିଛି ସେ ପ୍ରକୃତି ହାତର କଣ୍ଢେଇ ।

୨୭। ଅବିବେକ ଲୋକ ନିଶା ଛାଡ଼ିଗଲା ପରେ କ'ଣ କହିଲା ?

ଅବିବେକ ଲୋକଟି ନିଜର ସର୍ବସ୍ୱ ବିକି ସେଥିରେ ଏକ ଅତ୍ୟାଧୁନିକ ପାଇଖାନା ତିଆରି କଲା । ସବୁ କାମ ସରିବା ପରେ ସେ ଆଉ ଆଗକୁ ଭାବି ପାରିଲା ନାହିଁ । ନିଶା ଛାଡ଼ିଗଲା, ଭାବିଲା, ପାଇଖାନା ତ କଲି, କିନ୍ତୁ କ'ଣ ଖାଇ ଏଥିରେ ଝାଡ଼ା ବସିବି ?

୨୮। ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ଯୋଗୁଁ ପରିବେଶର କେଉଁ କେଉଁ ଅସୁବିଧା ଦେଖାଦେଇଛି ?

ବୈଜ୍ଞାନିକ ପରୀକ୍ଷା ନିରୀକ୍ଷା ହେତୁ ନାନା ପ୍ରକାର ରସାୟନିକ ବିଷକ୍ରିୟା ସୃଷ୍ଟି ହେଉଛି । ଜଳବାୟୁ ବିଷାକ୍ତ ହେଉଛି । ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମିଥେନ ଆଦି ଗ୍ୟାସ ପରିମାଣ ବଢୁଛି । ବିଭିନ୍ନ ମାରାତ୍ମକ ରୋଗ ବ୍ୟାପୁଛି । ଶସ୍ୟଶ୍ୟାମଳା ପ୍ରକୃତି ଦିନେ ମରୁଭୂମିରେ ପରିଣତ ହେବାର ଆଶଙ୍କା ରହିଛି ।

୨୯। ଓଜୋନସ୍ତରରେ ଫାଟ ହେବାରୁ କେଉଁ ଅସୁବିଧା ପରିସ୍ଥିତି ସୃଷ୍ଟି ହେବ ?

ଓଜୋନସ୍ତର ଘେରି ରହିଥିବାରୁ ତାହା ସୂର୍ଯ୍ୟଙ୍କର ତେଜସ୍କ୍ରିୟ ପ୍ରଭାବକୁ ପ୍ରତିହତ କରୁଥିଲା । ସେଥିରେ ଫାଟ ସୃଷ୍ଟି ହେଲାଣି । ଫଳରେ ଚର୍ମକର୍କଟ, ଚକ୍ଷୁରୋଗ, ମାରାତ୍ମକ ରୋଗ ବଢ଼ିବ । ଶସ୍ୟ ଉତ୍ପାଦନ କମିଯିବ । ଶସ୍ୟଶ୍ୟାମଳା ଅଞ୍ଚଳ ମରୁଭୂମିରେ ପରିଣତ ହେବ ।

୩୦। ମନୁଷ୍ୟ ଆପଣାର ସ୍ୱାର୍ଥପାଇଁ କ'ଣ କରି ଚାଲିଛି ?

ମନୁଷ୍ୟ ଆପଣାର ସ୍ୱାର୍ଥପାଇ ଜଙ୍ଗଲ କାଟିଚାଲିଛି । ପରିବେଶକୁ ବିଷାକ୍ତ କରୁଛି । ରୋଗ, ବ୍ୟାଧିକୁ ହାତଠାରି ଡାକୁଛି । ବିଳାସ ବ୍ୟସନରେ ମାତି ସେ ନିଜକୁ ନିଃଶେଷ କରିଚାଲିଛି ।

୩୧। ବୈଜ୍ଞାନିକ ଜଗଦୀଶଚନ୍ଦ୍ରଙ୍କର କେଉଁ ମତ ଶୁଣି ଅନ୍ୟମାନେ ଉପହାସ କରିଥିଲେ ?

ଉଦ୍ଭିଦର ଅନୁଭବ ଶକ୍ତି ଅଛି ବୋଲି ପରୀକ୍ଷା କରି ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ଜଣାଇଦେବାରୁ ଅନ୍ୟମାନେ ତାଙ୍କୁ ଉପହାସ କରୁଥିଲେ । ସେଇମାନେ ଆଜି ଗଛ କାଟିବାକୁ ମନା କରୁଛନ୍ତି ।

୩୨। ଆମେ କେଉଁକଥା ଭାବିଲେ ଗଛକୁ ନଷ୍ଟ କରିବା ନାହିଁ ?

ଗଛ ଆମର ବନ୍ଧୁ, ସଖା, ପରମ ମିତ୍ର । ସେ ଆମକୁ ଜଳ, ବାୟୁ, ଉତ୍ତାପ, ଖାଦ୍ୟ, ବସ୍ତ୍ର, ବାସଗୃହ ଯୋଗାଇ ଦେଉଛି । ଗଛର ଔଷଧୀୟଗୁଣ ମଧ୍ୟ ରହିଛି । ଗଛକାଟି ଦେଲେ ଆମ ପରିବେଶ ଧ୍ୱଂସ ହୋଇଯିବ ।

**ନିର୍ଦ୍ଦିଷ୍ଟ ଉତ୍ତର ମୂଳକ :**

(ନିମ୍ନରେ ଦିଆଯାଇଥିବା ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍‌ଟି ବାଛ) ।

୩୩। କଳକାରଖାନା ବସାଅ । ଜଙ୍ଗଲକାଟି ଶିଳ୍ପନଗରୀ ଗଢ଼; ଏହା କିଏ କହିଛି ?

(କ) ଧନୀ ଲୋକ (ଖ) ବିଜ୍ଞାନ ବଳରେ ବଳୀୟାନ ଲୋକ

(ଗ) ଗରିବ ଲୋକ (ଘ) ଅଧାପାଠୁଆ ଲୋକ

ଉ. ବିଜ୍ଞାନ ବଳରେ ବଳୀୟାନ ଲୋକ

୩୪। ସୂର୍ଯ୍ୟରଶ୍ମିର ତେଜସ୍କ୍ରିୟ ପ୍ରଭାବରୁ କିଏ ଜୀବଜଗତକୁ ରକ୍ଷା କରେ ?

(କ) ଅମ୍ଳଜୀବ (ଖ) ଆକାଶ

(ଗ) ଓଜୋନ ଗ୍ୟାସ (ଘ) ଯବକ୍ଷାରଜାନ

ଉ. ଓଜୋନ ଗ୍ୟାସ

୩୫। ପୃଥିବୀର ତାପମାତ୍ରା ବଢ଼ିବା ପାଇଁ କେଉଁ ଗ୍ୟାସ ଦାୟୀ ?

(କ) ଓଜୋନ ଗ୍ୟାସ (ଖ) ଯବକ୍ଷାରଜାନ ଗ୍ୟାସ

(ଗ) ଉଦ୍‌ଜାନ ଗ୍ୟାସ (ଘ) ମିଥେନ ଗ୍ୟାସ

ଉ. ମିଥେନ ଗ୍ୟାସ

୩୬। ହେରୋଡଟାସ କେଉଁ ଶତାବ୍ଦୀର ଐତିହାସିକ ?

(କ) ଖ୍ରୀ.ପୂ. ଦଶମ ଶତାବ୍ଦୀ (ଖ) ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀ

(ଗ) ଖ୍ରୀ.ପୂ. ନବମ ଶତାବ୍ଦୀ (ଘ) ଖ୍ରୀ.ପୂ. ସପ୍ତମ ଶତାବ୍ଦୀ

ଉ. ଖ୍ରୀ.ପୂ. ସପ୍ତମ ଶତାବ୍ଦୀ

୩୭। ବନ୍ଧନୀ ମଧ୍ୟରୁ ପଠିତ ପ୍ରବନ୍ଧରେ ଥିବା ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର ।

(କ) ଗୋଟିଏରୁ ______ କରିବା ପ୍ରକୃତିର ନୀତି ।
(ଦୁଇଟି, କୋଟିଏ, ତିନୋଟି)

(ଖ) ମନୁଷ୍ୟ ଏ ସବୁଜ ଧରଣୀକୁ ______ କରିବାରେ ଲାଗିଛି
(ହତଶ୍ରୀ, ବଳୀୟାନ, ଶ୍ରୀହୀନ)

(ଗ) ମନୁଷ୍ୟ ନିଜର ______ ପାଇଁ ଗଛ ଲଗାଉଥିଲା ।
(ପୁଅଝିଅ, ବାପା ମାଆ, ପୁଅ ନାତି)

(ଘ) ଗଛର ଡାଳ ଭାଙ୍ଗିବାକୁ ବି ______ ଯିବ ନାହିଁ ।
(ମନ, ହାତ, [illegible])

୩୮। ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ, ତାକୁ ସରଳବାକ୍ୟ କୁହାଯାଏ । ପଠିତ ପ୍ରବନ୍ଧରେ ଥିବା ତିନୋଟି ସରଳବାକ୍ୟ ନିମ୍ନ କୋଠରୀରେ ଲେଖ ।

| | |
|---|---|
| ଉଦା : | ମନୁଷ୍ୟ ନିଜର ପୁଅ ନାତିଙ୍କ ପାଇଁ ଗଛ ଲଗାଉଥିଲା । |
| ୧ | କଳକାରଖାନା ବସାଅ । |
| ୨ | ପ୍ରକୃତିକୁ ସେ ମିତ୍ର ଭାବରେ ଦେଖୁଥିଲା । |
| ୩ | କେତେକ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଗଲେଣି । |

୩୯। ଯେଉଁ ବାକ୍ୟରେ କୌଣସି ପ୍ରଶ୍ନ ପଚରାଯାଇଥାଏ; ତାକୁ ପ୍ରଶ୍ନବାଚକ ବା ପ୍ରଶ୍ନସୂଚକ ବାକ୍ୟ କହନ୍ତି । ପଠିତ ପ୍ରବନ୍ଧରେ ଥିବା ତିନୋଟି ପ୍ରଶ୍ନସୂଚକ ବାକ୍ୟ ଖୋଜି ନିମ୍ନ କୋଠରୀରେ ଲେଖ ।

| | |
|---|---|
| ଉଦା : | ରାମବାବୁ ଘରେ ଅଛନ୍ତି କି ? |
| ୧ | କାଗଜ, କାଠ, ବାଉଁଶ ଦରକାର ? |
| ୨ | ପାଇଖାନା ତ କଲି; କିନ୍ତୁ କ'ଣ ଖାଇ ଏଥିରେ ଝାଡ଼ା ଫେରିବି ? |
| ୩ | ଏ ଗଛ ଫଳିବା ଯାଏ ତୁମେ କ'ଣ ବଞ୍ଚିବ ବୋଲି ଆଶା କରୁଛ ? |

୪୦। ଆମ ଭାଷାରେ ଲେଖିଲା ବେଳେ ଆମ ଅଜାତଣରେ କିଛି ଭୁଲ୍ ହୋଇଯାଇଥାଏ । ସେଗୁଡ଼ିକର ଶୁଦ୍ଧରୂପ ଜାଣି ଲେଖିଲେ, ତାହା ଠିକ୍ ବୋଲି ବିବେଚିତ ହୁଏ । ଆସ, ସେଇପରି କିଛି ଅଶୁଦ୍ଧ ଶବ୍ଦର ଶବ୍ଦରୂପ ସଂପର୍କରେ ଜାଣିବା ।

| ଅଶୁଦ୍ଧ : | ଶୁଦ୍ଧ : |
|---|---|
| ଦୁରାବସ୍ଥା / ଦୂରାବସ୍ଥା | ଦୂରବସ୍ଥା |
| ସନ୍ୟାସ | ସନ୍ନ୍ୟାସ |
| ସାଣ୍ମାସିକ | ଷାଣ୍ମାସିକ |
| ପ୍ରତ୍ୟେହ | ପ୍ରତ୍ୟହ |
| ପୌରହିତ୍ୟ | ପୌରୋହିତ୍ୟ |
| ଦାଶରଥୀ | ଦାଶରଥି |
| ଜନତାମାନଙ୍କର | ଜନତାର |
| ଭୂବନେଶ୍ୱର | ଭୁବନେଶ୍ୱର |
| ଆଶୀଷ | ଆଶିଷ |
| ବାହାନ | ବାହନ |
| ରବିନ୍ଦ୍ର | ରବୀନ୍ଦ୍ର |
| ଆନୁସଙ୍ଗିକ | ଆନୁଷଙ୍ଗିକ |
| ମାର୍ଗଶୀର | ମାର୍ଗଶିର |
| ଶତୃଘ୍ନ | ଶତ୍ରୁଘ୍ନ |
| ଅପରାହ୍ନ | ଅପରାହ୍ଣ |
| ପୁରସ୍କାର | ପୁରସ୍କାର |
| ଶଶୀଭୂଷଣ | ଶଶିଭୂଷଣ |
| ସମିକ୍ଷା | ସମୀକ୍ଷା |
| ସଂସୋଧନ | ସଂଶୋଧନ |
| ପୁସ୍କରୀଣି | ପୁଷ୍କରିଣୀ |
| ମନୀଷି | ମନୀଷୀ |
| ନୀରକ୍ଷବୃତ୍ତ | ନିରକ୍ଷବୃତ୍ତ |
| ସମିଚୀନ | ସମୀଚୀନ |

| | |
|---|---|
| ତେଜସ୍କ୍ରୀୟ | ତେଜସ୍କ୍ରିୟ |
| ଓଯୋନ | ଓଜୋନ |
| ଶ୍ରୀହିନ | ଶ୍ରୀହୀନ |
| ସର୍ବନାସ | ସର୍ବନାଶ |
| ଆଶିର୍ବାଦ | ଆଶୀର୍ବାଦ |
| ଶୀଖର | ଶିଖର |
| ଶତୃତା | ଶତ୍ରୁତା |
| ସାର୍ବଜନୀନ | ସର୍ବଜନୀନ |

୪୧ । ଆମ ଭାଷାରେ କେତେକ ଶବ୍ଦପୁଞ୍ଜ ଏକ ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ହୁଅନ୍ତି । ସେଗୁଡ଼ିକ ଜାଣିଲେ ଭାଷା ଓ ଭାବ ସୁନ୍ଦର ଭାବେ ବ୍ୟବହାର କରିହୁଏ । ସେଗୁଡ଼ିକ ଶିଖ ଓ ବାକ୍ୟରେ ବ୍ୟବହାର କର ।

ଅଲଣାକଥା – ମୂଲ୍ୟହୀନ କଥା : ତାଙ୍କର ଅଲଣାକଥାକୁ ଘରେ କେହି ଗୁରୁତ୍ୱ ଦିଅନ୍ତି ନାହିଁ ।

ଅନ୍ଧରଲଉଡ଼ି – ଅସହାୟର ସହାୟ : କୁକୁରଟି ତାଙ୍କ ପାଇଁ ଅନ୍ଧର ଲଉଡ଼ି ସଦୃଶ ଥିଲା ।

ଅନ୍ଧ ବୁଝାମଣା – ଅନ୍ୟାୟ ବିଚାର : ଅଗାଣ୍ଡିଆ ରାଜା ଓ ପାଳଟୁଣ୍ଡା ଦିଆ ମନ୍ତ୍ରୀଙ୍କର ଅନ୍ଧବୁଝାମଣାରେ ଲୋକେ ଅତିଷ୍ଠ ହୋଇପଡ଼ିଥିଲେ ।

ଅହି ନକୁଳ ସଂପର୍କ – ଘୋର ଶତ୍ରୁତା : ସମବାବୁଙ୍କ ସହିତ ତାଙ୍କର ପରା ଅହିନକୁଳ ସଂପର୍କ ।

ଉପରିମାଲ – ବିନା ପରିଶ୍ରମରେ ଆୟ: ସେପରା ପୋଲିସ ଚାକିରୀ କରୁଛି । ଉପରିମାଲରେ ଚଳିବନି କେମିତି ?

ଓଳିଆରୁ ଗଜା – ଜନ୍ମରୁ ଚାଲାକ : ଆଜିକାଲିକା ପିଲାଏ ଅଳିଆରୁ ଗଜା । କାହା କଥା ମାନିବାକୁ ନାରାଜ ।

କାଠିକର ପାଠ – କଷ୍ଟକର କାମ : ତେଲୁଗୁ ଶିଖିବା ତା' ପାଇଁ କାଠିକର ପାଠ ।

କଳାକାଠ ପଡ଼ିଯିବା – ମଳି ନ ପଡ଼ିଯିବା : ନଖାଇ ନପିଇ ସେ କଳାକାଠ ପଡିଗଲାଣି ।

ଗୋଟିଏ ଚାଉଳରେ ଗଢ଼ା – ଖୁବ ସୁନ୍ଦର : ତାକୁ ବାଛିଦବ କିଏ ? ସେ ପରା ଗୋଟିଏ ଚାଉଳରେ ଗଢ଼ା ?

ଛକାପଂଝା – ସତର୍କ ଭାବ : ନେତାଏ ଲୋକଙ୍କ ସହିତ ଛକାପଂଝା ଖେଳୁଛନ୍ତି ।

ଝାଳବୁହା – କଷ୍ଟରେ ଅର୍ଜନ କରିଥିବା : କାହାର ଝାଳବୁହା ପରିଶ୍ରମ କେବେ ବେକାର ଯାଏ ନାହିଁ ।

ନଈ ନ ଦେଖୁଣୁ ଲଙ୍ଗଳା – ଆଗରୁ ସତର୍କ ହେବା : ନଈ ନ ଦେଖୁଣୁ ଲଙ୍ଗଳା ହେବା ତାଙ୍କ ଜାତକରେ ନାହିଁ ।

ନାଟର ଗୋବର୍ଦ୍ଧନ – ଗୋଳମାଳର ମୂଳ : ନାଟର ଗୋବର୍ଦ୍ଧନ କିଏ, ତାକୁ ଖୋଜି ପାଇବା ଖୁବ୍ କଷ୍ଟକର ।

ବାଆକୁ ବତା – କ୍ଷୀଣ ଆଶ୍ରୟ : ବାଆକୁ ବତା, ବରଷାକୁ ଛତା ।

ବୋଝ ଉପରେ ନଳିତା ବିଡ଼ା – ବିପଦ ଉପରେ ବିପଦ : ନଈ ବଢ଼ି ପରେ କଲେରା ବ୍ୟାପିବା ଫଳରେ ଲୋକଙ୍କ ଅବସ୍ଥା ବୋଝ ଉପରେ ନଳିତା ବିଡା ପରି ହେଲାଣି ।

ହୁଙ୍କାପିଟା – ବୁଝିବିଚାରି କାମ ନ କରିବା : ସେ କ'ଣ କିଛି ବୁଝେ ? ହୁଣ୍ଡାଟିଏ ତ । ହୁଙ୍କାପିଟା ଭାବରେ ମନଇଚ୍ଛା ଯାହା କରିଯାଏ ।

ବାପରାଣ ଢେଙ୍କିଗିଳ – ବାଧ୍ୟବାଧକତାରେ କାମ କରିବା : ସରକାର କହୁଛନ୍ତି ମାନେ ବାପରାଣ ଢେଙ୍କିଗିଳା ଅନ୍ୟ ଉପାୟ କାହିଁଯେ ?